# କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, ଥଇଥାନ ଦାବି



ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ,୫।୧୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ତାଳଚେର ବ୍ଲକର ଏମ୍‌ସିଏଲ୍ କୋଇଲା ଖଣି ପାଇଁ ଜମି ହରାଇ ଥିବା ୬ଟି ଗ୍ରାମର କ୍ଷତିଗ୍ରସ୍ତ ଲୋକ ନିଯୁକ୍ତି ଓ ଥଇଥାନ ଦାବିରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ମଙ୍ଗଳବାର ଜିଲା ଭାଜପା କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏମ୍‌ସିଏଲ୍ କୋଇଲା ଖଣି ପାଇଁ ସୋଲଡା, ତେଲିପୁର, ଖୁରିଙ୍ଗା, ପ୍ରସନ୍ନନଗର, ନାଥଗାଁ, ସତ୍ୟବାଦୀପୁର ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ତେଣୁ ନିଯୁକ୍ତି ଓ ଥଇଥାନ ସମ୍ବନ୍ଧରେ କ୍ଷତିଗ୍ରସ୍ତମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଏମ୍‌ପି ପାଣିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପାଇବା ପରେ ଏମ୍‌ପି ପାଣି ଏମ୍‌ସିଏଲ୍‌ର ବୈଷୟିକ ନିର୍ଦ୍ଦେଶକ କେଶବ ରାଓଙ୍କୁ ଫୋନରେ ଏ ବିଷୟରେ ଜଣାଇଛନ୍ତି। ଉକ୍ତ ଦାବି ବିଷୟରେ ଗୁରୁତ୍ୱର ସହ ବିଚାର କରିବେ ବୋଲି ରାଓ ଏମ୍‌ପିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏକ ପ୍ରତିନିଧିମଣ୍ଡଳୀ ଖୁବଶୀଘ୍ର ଡିପି ରାଓଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ଗ୍ରାମବାସୀଙ୍କ ତରଫରୁ ଦିବ୍ୟରଞ୍ଜନ ଗଡ଼ନାୟକ, ମୁନା ବେହେରା, ଅରୁଣ କୁମାର ସାହୁ, ସତ୍ୟମ ଭୁକ୍ତା, ଦେବାଶିଷ ବେହେରା, ନଗେନ ସାହୁ, ରାକେଶ ସାହୁ, ଅନିଲ ପ୍ରଧାନ ଓ ରଶ୍ମିତା ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଥିଲେ।

## ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ

ଅନୁଗୋଳ,୫।୧୧(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ପୋଲିସ ମାଡ଼ ମାରିବା ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଆଙ୍କୁଲା ଗ୍ରାମର ତୃପ୍ତୁର ନାୟକଙ୍କ ପୁଅ ପୁରୁଷୋତ୍ତମ ନାୟକ ଅନୁଗୋଳ ମାଛ ମାର୍କେଟରେ ଏକ ଚିକେନ ଦୋକାନରେ କାମ କରନ୍ତି। ଗତ ଜୁଲାଇ ମାସରେ ପୁରୁଷୋତ୍ତମ ଚିକେନ କାଟୁଥିବା ବେଳେ ହୁଲୁରସିଂହା ଘାସିସାହିର ରମେଶ ମୁଖୀଙ୍କ ପୁଅ ରାଜୁ ମୁଖୀ ଓ ତାଙ୍କ ସହ ୨ଜଣ ଆସି ପୁରୁଷୋତ୍ତମଙ୍କୁ ମାଡ଼ ମାରିବା ସହ ଦୋକାନରେ ଥିବା ୨୫୦୦ଟଙ୍କା ନେଇଯାଇଥିଲେ। ପୋଲିସରେ ଅଭିଯୋଗ କଲେ ଦୋକାନରେ ଥିବା ଧାରୁଆ ଅସ୍ତ୍ର ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ପୁରୁଷୋତ୍ତମ ଗତ ଜୁଲାଇ ୨୧ ତାରିଖରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ଅନୁଗୋଳ ଜିଲାକୁ ୧୭ ପଦକ



ପଦକ ବିଜୟୀ ହୋଇଥିବା ଖେଳାଳିମାନେ।

ଅନୁଗୋଳ,୫।୧୧ (ମାନସ ବିଶ୍ୱାଳ)

ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ବଲାଙ୍ଗୀରସ୍ଥିତ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟଠାରେ ୬୮ତମ ରାଜ୍ୟ ବିଦ୍ୟାଳୟ ସମୂହ ଉସୁ ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଜିଲାରୁ ପ୍ରାୟ ୨୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୧୭ଟି ପଦକ ହାସଲ କରିଛନ୍ତି। ସେଥିରେ ୩ଟି ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ପ୍ରଥମକରି ରାଜ୍ୟ ବିଦ୍ୟାଳୟ କ୍ରୀଡ଼ାରେ ଉସୁ ଖେଳ ସାମିଲ ହୋଇଥିବାରୁ ଏଥିରେ କ୍ରୀଡ଼ାବିତ୍‌ମାନଙ୍କ ଆଗ୍ରହ ବଢ଼ିଛି। ରାଜ୍ୟରେ ଅନୁଗୋଳ ୨ୟ ସ୍ଥାନ ଅଧିକାର କରିଥିବାରୁ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ, ଶାରୀରିକ ଶିକ୍ଷା ଅଧିକାରୀ ଓ କ୍ରୀଡ଼ାବିତ୍‌ମାନେ ପ୍ରଶଂସା କରିବା ସହିତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହିତ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, କ୍ରୀଡ଼ା ଶିକ୍ଷକ ଦୋଳ ଗୋବିନ୍ଦ ଦଳେଇ, ଦୁଷ୍ମନ୍ତ ସାହୁ, କୋଚ ଚିତ୍ତରଞ୍ଜନ ମହନ୍ତ ପ୍ରମୁଖ ରେଲୱେ ଷ୍ଟେଶନ ଯାଇ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଏବିଭିପିର +୨ କାର୍ଯ୍ୟକାରିଣୀ ସଦସ୍ୟ ଘୋଷଣା



ଅନୁଗୋଳ,୫।୧୧(ମାନସ ବିଶ୍ୱାଳ)

ଅନୁଗୋଳ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। କଲେଜ ୟୁନିଟ୍ ସଭାପତି ଭାବେ ଆକାଶ ସ୍ୱାଇଁ ଓ ସମ୍ପାଦକ ଭାବେ ସ୍ୱୟମଶ୍ରୀ ତ୍ରିପାଠୀ ଏବଂ ୧୫ ଜଣିଆ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। କଲେଜ ୟୁନିଟ ଉପସଭାପତି ସମୀର ନାଏକ, ସହସମ୍ପାଦକ ବିଶ୍ୱେଶ୍ୱର ସାହୁ, ହିତେଶ ନାଏକ, ଏସ୍‌ଏଫ୍‌ଏସ୍ ସଂଯୋଜକ ସୋମେଶ କୁମାର ସାହୁ, ଏସ୍‌ଏଫ୍‌ଡି ସଂଯୋଜକ ସ୍ମୃତିରଞ୍ଜନ ସାହୁ, ସିଡିଡି ସଂଯୋଜକ ବାପୁନ ସାହୁ, ମିଡ଼ିଆ ସଂଯୋଜକ ଜଗନ୍ନାଥ ମେହେର, ବନିତା ଭୋଇ,ଏନ୍‌ଏସ୍‌ଏସ୍ ସଂଯୋଜକ ଅମିତ ସାହୁ, ସୋସିଆଲ ମିଡିଆ ସଂଯୋଜକ ଅଂଶୁମାନ ସାହୁ, ଆଦିତ୍ୟ ସାହୁ, ଅଖିଳ ଭାରତ ପ୍ରମୁଖ ଅନ୍ତର୍ଯ୍ୟାମୀ ନାୟକ, ଛାତ୍ରୀ ପ୍ରମୁଖ ଈଶ୍ୱରୀ ନାଏକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନୁଗୋଳ ଜିଲାର ପୂର୍ବତନ ଜିଲା ସଂଯୋଜକ ଗୁଣନିଧି ତ୍ରିପାଠୀ ଓ ଜିଲା ସହ ସଂଯୋଜକ ସୁମନ ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟକାରିଣୀ ଘୋଷଣା ହୋଇଥିଲା।

# ଉପଜିଲାପାଳଙ୍କୁ ଭେଟିଲେ କ୍ରିମିନାଲ ବାର୍ ଆସୋସିଏଶନ କର୍ମକର୍ତ୍ତା

ଆଠମଲ୍ଲିକ,୫।୧୧ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଯୋଗ ଦେଇଥିବା ନୂତନ ଉପଜିଲାପାଳ ଡ. ଦିଲ୍ଲୀପ କୁମାର ବେହେରାଙ୍କୁ ମଙ୍ଗଳବାର ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ କରିଥିଲେ। କ୍ରିମିନାଲ ବାର୍ ସଭାପତି ଘନଶ୍ୟାମ ବେହେରା, ସମ୍ପାଦକ ସବ୍ୟସାଚୀ ସିଂ ସାମନ୍ତ, ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ, ସୁଧାଂଶୁ ଶେଖର ବେହେରା, ପ୍ରଭଞ୍ଜନ ମିଶ୍ର, ଅମରେଶ ଷଡ଼ଙ୍ଗୀ, ଶିବାଶିଷ ରାଉତ, ପ୍ରମୋଦ ପ୍ରଧାନ, ସୁଜିତ ବିଶ୍ୱାଳଙ୍କ ସମେତ ବାରର ସଦସ୍ୟ ଉପସ୍ଥିତ ରହି ଆଠମଲ୍ଲିକ ଜନସାଧାରଣ କିପରି ସୁବିଧାରେ ପ୍ରଶାସନିକ ସେବା ପାଇପାରିବେ ତାହା ଉପରେ ଆଲୋଚନା କରିଥିଲେ।



ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ ଉପଜିଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସୁଶ୍ରୀ ଅରୁନ୍ଧତୀ




ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ସୁଶ୍ରୀ ଅରୁନ୍ଧତୀ।

ଅନୁଗୋଳ,୫।୧୧(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ଜିନ୍ଦଲ କଲୋନୀର ଅଶ୍ୱିନୀ କୁମାର ବେହେରା ଏବଂ ଅନିତା ସାହୁଙ୍କ ଶିଶୁକନ୍ୟା ସୁଶ୍ରୀ ଅରୁନ୍ଧତୀ ମାତ୍ର ୧ ବର୍ଷ ୧୦ ମାସ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ସର୍ବକନିଷ୍ଠ ପ୍ରତିଯୋଗୀ ଭାବେ ତାଙ୍କ ନାମ ଏହି ରେକର୍ଡ ପାଇଁ ପଞ୍ଜୀକରଣ କରିଥିଲେ। ୨୨ଟି ପଶୁ, ସପ୍ତାହର ୭ଟି ବାର, ୧୮ଟି ପକ୍ଷୀ, ଶରୀରର ୨୨ଟି ଅଂଶ, ୮ଟି ରଙ୍ଗ, ୧୦ ଜଣ ସ୍ୱାଧୀନତା ସଂଗ୍ରାମୀ, ୧୪ଟି ଫୁଲ, ୨୦ଟି ଫଳ, ୧୬ଟି ପନିପରିବା, ୨ ଖନ୍ଦା ପଣକିଆ, ୮ ପ୍ରକାରର ଡାକ୍ତରୀ ଉପକରଣ, ୧୫ଟି ଯାନବାହାନ, ଇଂରାଜୀର ୨୬ଟି ଅକ୍ଷର ଓ ତାର ଶବ୍ଦ, ୯ଟି ଜାତୀୟ ପ୍ରତୀକ, ୨୮ଟି ବିପରୀତ ଶବ୍ଦ, ୧ ରୁ ୧୫ ଯାଏ ସଂଖ୍ୟାଗଣନା, ୭ଟି ଜୀବଜନ୍ତୁଙ୍କ ଶବ୍ଦର ଅଭିନୟ ଏବଂ ୭ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତରଦେଇ ଏହି ଗୌରବ ଅର୍ଜନ କରିଛନ୍ତି। ଏହି ଖ୍ୟାତି ପାଇଁ ତାଙ୍କ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ଗୌରବ ଅର୍ଜନ ପାଇଁ ସୁଶ୍ରୀ ଅରୁନ୍ଧତୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଟାଙ୍ଗୁଡ଼ିଆ ଗ୍ରାମରେ ହତ୍ୟା ଘଟଣା**

ଛେଣ୍ଡିପଦା,୫।୧୧ (ଅଜିତ ଧଳ)

ଛେଣ୍ଡିପଦା ଥାନା ଟାଙ୍ଗୁଡିଆ ଗାଁରେ ଘଟିଥିବା ହତ୍ୟା ମାମଲାରେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହିତ ଅଭିଯୁକ୍ତ ଚତୁର୍ଭୁଜ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଟାଙ୍ଗୁଡିଆ ଗାଁର ଚତୁର୍ଭୁଜ ଗାଁରୁ କିଛି ମଜୁରି ଟଙ୍କା ପାଇବା ପାଇଁ ଚିକୁନ ମାଝୀଙ୍କ ଘର ସମ୍ମୁଖକୁ ଆସି ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ଚିକୁନୁଙ୍କ ପରିବାର ସହ ବଚସା ହୋଇଥିଲା। ସନ୍ଧ୍ୟାରେ ଅଭିଯୁକ୍ତ ଚତୁର୍ଭୁଜ ଏକ ଖଣ୍ଡାରେ ଚିକୁନଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଚିକୁନଙ୍କ ବାପା ନରହରି ମାଝୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୬୩/୨୪ରେ ଏକ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ, ଏସ୍‌ଆଇ ରାଜେଶ ଶତପଥୀ ଓ ପୋଲିସ କର୍ମଚାରୀ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ଟାଙ୍ଗିଆ ଓ ରକ୍ତ ନମୁନା ସଂଗ୍ରହ କରି ତଦନ୍ତ ଜାରି ରଖିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।



# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀମାନେ।

ଅନୁଗୋଳ,୫।୧୧(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟ ଠାରେ ଅନୁଗୋଳ ପୋଲିସ ପକ୍ଷରୁ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୋଲିସ ପକ୍ଷରୁ ଯୋଗେଶ୍ୱରୀ ବେହେରା, ସୌରଭ ସାମଲ, ଅଶ୍ୱିନୀ ସାହୁ, ଦେବାଶିଷ ମହାନ୍ତି, ଆଶୀର୍ବାଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ କିପରି ସାଇବର ଠକଙ୍କ ଠାରୁ ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ କର୍ମଶାଳାରେ ବୁଝାଇଥିଲେ। ଡିଏସପି ଯୋଗେଶ୍ୱର ବେହେରା ଛାତ୍ରୀଛାତ୍ରମାନଙ୍କୁ ଆମ ଦ୍ୱାରା ହେଉଥିବା ଭୁଲକୁ କିପରି ସୁଧାରି ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ସାଇବର ଠକାମିର ଶିକାର ହେଉଥିବା ଯେମିତକି ସୋସିଆଲ ମିଡିଆ, ଚାକିରି, ଓଏଲଏକ୍ସ, ଅଶ୍ଳୀଳ, କଷ୍ଟମ ଡ୍ୟୁଟି, ଫାଇନାନ୍ସିଆଲ ଫ୍ରଡ କିପରି ହେଉଛି ସେ ବାବଦରେ ବୁଝାଇଥିଲେ ଓ ସେଥିରୁ କିପରି ନିଜକୁ ରକ୍ଷା କରାଯାଇପରିବା ସେ ସମ୍ପର୍କରେ ସଚେତନ କରିଥିଲେ।

# ବ୍ରାଉନସୁଗାର, ଗଞ୍ଜେଇ ଜବତ: ୨ ଗିରଫ



ଅନୁଗୋଳ, ୫।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଓ ଗଞ୍ଜେଇ ଜବତ କରାଯାଇଛି। ଏଥିସହିତ ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାର ଓ ଗଞ୍ଜେଇର ଆନୁମାନିକ ମୂଲ୍ୟ ଯଥାକ୍ରମେ ୪ ଲକ୍ଷ ଓ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଜଣେ ବ୍ରାଉନସୁଗାର ବେପାରୀ ସ୍ଥାନୀୟ ଇକୋପାର୍କ ଠାରେ ବାଇକ୍‌ରେ ଗ୍ରାହକ ଅପେକ୍ଷାରେ ଥିବା ଖବରପାଇ ଅବକାରୀ ଅଧିକାରୀମାନେ ଚଢ଼ାଉ କରି ୪୨ ଗ୍ରାମ ବ୍ରାଉନସୁଗାର ଓ ବାଇକ୍ ଜବତ କରିଥିଲେ। ଏଥିସହ ବେପାରୀ ପ୍ରଦୀପ ବେହେରା (୨୭)ଙ୍କୁ ଗିରଫ କରିଥିଲେ। ସେହିପରି ସ୍ଥାନୀୟ ହେମସୁରପଡାରେ ଚଢ଼ଉ କରି ୩ କିଲୋ ଗଞ୍ଜେଇ ଜବତ କରିବା ସହ ନରେନ୍ଦ୍ର ସ୍ୱାଇଁ(୬୫)ଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଆଇନ ସଚେତନତା ଶିବିର

ଅନୁଗୋଳ,୫।୧୧ (ଜ୍ୟୋତିରଞ୍ଜନ ସାହୁ)




ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ।

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଆଦର୍ଶ ଆଇନ ମହାବିଦ୍ୟାଳୟଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଡିଏସ୍‌ପି ବିରଞ୍ଚି ବାଗ, ଡେପୁଟି ଡାଇରେକ୍ଟର ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅବନିକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଯୌନ ଅପରାଧରୁ ସୁରକ୍ଷା ଆଇନ, ଆଇନ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ, ସରକାରଙ୍କ ତରଫରୁ ପୀଡ଼ିତଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା, କିଶୋର ନ୍ୟାୟ ଆଇନ ଆଦି ବିଷୟରେ ଅତିଥିମାନେ ବିସ୍ତୃତ ବିବରଣୀ ଦେଇଥିଲେ। ସାମାଜିକ ଏବଂ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କୁ ବିନାମୂଲ୍ୟରେ ଆଇନସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲା ଓ ତାଲୁକସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟିମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଦର୍ଶ ଆଇନ ମହାବିଦ୍ୟାଳୟ ଅନୁଗୋଳର ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ। ଆଦର୍ଶ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚୁଡୁରାମ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

ଅନୁଗୋଳ,୫।୧୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ହେମସୁରପଡ଼ା ଡିଆଇସି ଛକ ଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଟାଉନ ଥାନା ନାଖାରା ସାହିର ଶୁଭମ ସାହାଣୀ (୨୦)। ଶୁଭମ ବାପା ରମେଶ ସାହାଣୀଙ୍କ ସହ ଏକ ସାଇକେଲ ଯୋଗେ ସକାଳ ୯ଟାରେ ଘରୁ ଡିଆଇସି ଛକ ଆଡେ ଆସୁଥିବାବେଳେ ପଛପଟରୁ ଏକା ଗାଡି ଧକା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ଶୁଭମଙ୍କ ମୃତ୍ୟୁ ହେଇଥିଲା। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ୯ରେ ଗୋପାଷ୍ଟମୀ ମେଳା

ଅନୁଗୋଳ,୫।୧୧ (ଜ୍ୟୋତିରଞ୍ଜନ ସାହୁ)




ଆସନ୍ତା ୯ ତାରିଖରେ ସ୍ଥାନୀୟ ରନ୍ତଲେଇସ୍ଥିତ ଗୋଶାଳା ଠାରେ ଗୋପାଳ ଗୋଶାଳା ଆନୁକୂଲ୍ୟରେ ଗୋପାଷ୍ଟମୀ ମେଳା ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଗୋମାତାଙ୍କୁ ପୂଜା କରାଯିବା ସହ ହନୁମାନ ଚାଳିଶା ପାଠ, କାମଧେନୁ ଯଜ୍ଞ, ପ୍ରଦର୍ଶନୀ ଓ ପ୍ରବଚନ ସଭା ଆଦି ଅନୁଷ୍ଠିତ ହେବ। ଗୋପାଷ୍ଟମୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଇଚ୍ଛୁକ ବ୍ୟକ୍ତି ଗୋଖାଦ୍ୟ ଗୋଶାଳାକୁ ଦାନ କରି ଗୋସେବା କରିପାରିବେ। ଏହି ଗୋଶାଳାକୁ କୌଣସି ସରକାରୀ ଅନୁଦାନ ମିଳିପାରିନାହିଁ। ସମସ୍ତ ଖର୍ଚ୍ଚ ଏହି ଗୋମାତାଙ୍କ ଠାରୁ ହିଁ ଆସିଥାଏ ବୋଲି କର୍ମକର୍ତ୍ତା କହିଛନ୍ତି। ଏଥିସହିତ ଗୋବରରୁ ତିଆରି ହେଉଥିବା ଗୋବର କାଠରେ ମୃତଦେହ ଦାହ କରିବା ପାଇଁ ସମସ୍ତ ଅନୁଗୋଳ ବାସୀଙ୍କୁ କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି। ଏଠାରେ ଗୋବର କାଠ ପ୍ରାୟ ୨ ବର୍ଷ ହେବ ତିଆରି ହେଉଛି। ଅଧିକ ମାତ୍ରାରେ ଗୋବର କାଠ ବିକ୍ରି ହେଲେ ସେହି ରାଶିରେ ଗୋସେବା ହୋଇପାରିବ ବୋଲି କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି। ଏହି ସମାବେଶରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଖବରଦାତା ସମ୍ମିଳନୀରେ ଗୋଶାଳା ସଭାପତି ଲଡୁକେଶ୍ୱର ଅଗ୍ରୱାଲ, ପୂର୍ବତନ ସଭାପତି ଗୋପାଳ ମୁନ୍ଦ୍ରା, ଉପଦେଷ୍ଟା ଅଶୋକ ମୁରାରକା, ସମ୍ପାଦକ ରାମ କିଶନ ବଂଶଲ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଅଗ୍ରୱାଲ, ଗଣମାଧ୍ୟମ ପ୍ରତିନିଧି ଚନ୍ଦ୍ରକାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

